


ଏ ଅଛଦରା ବର୍ଷାଟା ଆଜିକୁ ପାଞ୍ଚଦିନ ଧରି ଝଡ଼ିବର୍ଷାର ରୂପନେଇ ମନରେ ଅନାଗତ ବିଭୀଷିକାର ଆତଙ୍କ ସୃଷ୍ଟି କରିଛି । ସାରା ବସ୍ତିଟା ପାଣିର ଘେର ଭିତରେ ଯେପରି ନଦୀ ଭିତରେ ଗୋଟାଏ ଟାପୁର ପ୍ରତୀୟମାନ ହେଉଛି । ଅନେକ ଚାଳଘର ଭାଙ୍ଗିଗଲାଣି । ଅନେକ ଘରେ ଚୁଲି ଜଳୁନାହିଁ ବର୍ଷାରେ ରୋଜଗାରର ଅଭାବରୁ । ଚାରିଆଡ଼ କାଦୁଅ ଓ ପାଣି ଭିତରେ ସିକିସିକିଆ ପାଗ ଯୋଗୁଁ ପିଉେଇକୁ କାମକୁ ଯିବାକୁ ଭଲ ଲାଗୁନାହିଁ; ବିଶେଷତଃ ଝୁମ୍ପୁଡ଼ିବସ୍ତି ଭିତରେ ବର୍ଷାଦିନଟା ଗୋଟାଏ ପୂତି ଗନ୍ଧମୟ ନର୍କର ରୂପନିଏ । ଆକାଶର କଳାଘୁମର ରଙ୍ଗଟା ଆଜି ମେଘର ଘନଘଟାରେ ଢ଼ାଙ୍କିହୋଇ ସାରାଦୁନିଆକୁ ଯେପରି ଏକ ଅନ୍ଧକାର ଗର୍ତ୍ତ ମଧ୍ୟକୁ ନିକ୍ଷେପ କରିଦେଇଛି । ବସ୍ତିର ଦୁଇ ବଖରା ଚାଳଘର ପିଉେଇ ଓ ତାର ମା' ପାଇଁ ସ୍ୱର୍ଗର ପ୍ରତୀୟମାନ ହୁଏ । ପିଉେଇର ବା' ତାର ପିଲାବେଳୁ କେଉଁ ଅଜଣା ରୋଗରେ ଆଖି ବୁଜି ଦେଇଥିଲା ଯାହା ପିଉେଇ ମନେ ପକେଇବାକୁ ଚେଷ୍ଟାକରି ବି କରିପାରେନା । ପିଉେଇ ଓ ତା'ର ମା' ବସ୍ତିରୁ ବାହାରି ବାବୁମାନଙ୍କର ଘରେ ପାଇଟି କରି ଜୀବନକୁ ରଙ୍ଗ ଦେବାରେ ଚେଷ୍ଟା କରିଛନ୍ତି । ବେଳେବେଳେ ବାବୁମାନଙ୍କର ଆଗ୍ନେୟ ଦୃଷ୍ଟି ଯେ ପିଉେଇର ସ୍ଫୀତ ଛାତି ଉପରେ ନିବଦ୍ଧ ନ ହୁଏ ତାହାନୁହେଁ । ସେ ବାବୁମାନଙ୍କର ଲୋଲୁପ ଆଖିରୁ ଖସି ଯିବାପାଇଁ ଚେଷ୍ଟିତ ହୁଏ ଏବଂ ଖସିଯାଏ ମଧ୍ୟ । ପିଉେଇ ମନରେ ଭାବେ ଯେ ଯେଉଁମାନଙ୍କର ଜନ୍ମ ବସ୍ତିରେ, ସେମାନଙ୍କର ଯୌବନ କ'ଣ ସୁରକ୍ଷିତ ନୁହେଁ ? ବର୍ତ୍ତମାନ ସମାଜରେ ଧର୍ମର ଧ୍ୱଜାଧାରୀ ମାନେ ସେମାନଙ୍କର ଅପତ୍ୟମାନଙ୍କ ପାଇଁ

ପ୍ରତିଭୂ ହୋଇପାରନ୍ତି ମାତ୍ର ପିଙ୍କେଇ ପାଇଁ ପ୍ରତିଭୂ ହେବାରେ କେତେଜଣ ଆଗେଇ ଆସିବେ ?

ପିଙ୍କେଇର ମନେପଡ଼େ ଏପରିଏକ ବର୍ଷଣ ମୁଖର ସଂଧ୍ୟାରେ ରାଜୁଭାଇ ସହ ତା'ର ପରିଚିତି ପର୍ବ ଆରମ୍ଭ ହୋଇଥିଲା । ରାଜୁଭାଇ ଏଇ ବସ୍ତିର ଗୋଟାଏ ପଢୁଆ ଯୁବକ ଯିଏ ଛୋଟକାଟିଆ କାମ କରେ ବାହାରେ । ପିଙ୍କେଇ ବୁଝେନା ରାଜୁଭାଇ କ'ଣ ଚାକିରି କରେ, ମାତ୍ର ତା'ର ସ୍ଥାୟୀତ୍ୱ ପାଇଁ ପିଙ୍କେଇ ମନ ଗହନରେ ରାଜୁଭାଇ ପାଇଁ ସାମାନ୍ୟ ସ୍ନେହ ବି ଥାଏ । ସେଦିନ ରାଜୁଭାଇ ଘରଭିତରକୁ ପଶିଆସି ନିଜର ଗୋଟାଏ ଆତ୍ମୀୟ ପରି ପିଙ୍କେଇ ପାଖରେ ବସିଗଲା । ବାହାରଟା ବର୍ଷାଯୋଗୁଁ ପୁରାପୁରି ନୀରବ । ବର୍ଷା ଯେ ଅସରା ପରେ ଅସରା ଲାଗି ରହିଛି । ସଙ୍କୋଚରେ ପିଙ୍କେଇ ପୁରାପୁରି ଲାଜରେ ଜଡ଼େଇ ଯାଏ । ମା' ବୋଧହୁଏ କେଉଁ ବାବୁଙ୍କର ପୋର୍ଟିକୋ ତଳେ ବର୍ଷା ଛାଡ଼ିବା ଯାଏ ପ୍ରତୀକ୍ଷାକରି ଠିଆ ହୋଇଥିବ । ପିଙ୍କେଇର ମନଟା ଗୋଟାଏ ସ୍ନେହାଳୁ ଜଣାଶୁଣା ପୁରୁଷର ସଂସର୍ଗରେ ହଠାତ୍ ଓଦାଳିଆ ହୋଇଗଲା ଏବଂ ତା'ର ଯୁବତୀ ସୁଲଭ ମନଟା କାହିଁକି ତା'ର ରାଜୁଭାଇ ଆଡ଼କୁ ଯେପରି ଢଳିଗଲା । ସେଦିନର କଥା ଭାବି ପିଙ୍କେଇ ମାର୍ମିକ ଅଭିସଂପାତ ତଥା ଆନ୍ତରିକ ବେଦନାରେ ବିଳାପ କରିଉଠେ । ସେ ନିଜକୁ ନିଜେ ଧିକ୍କାର କରେ ସେ ଦିନର ଘଟଣା ନୁହେଁ ତ ଦୁର୍ଘଟଣା ପାଇଁ, ଯେଉଁ ଦିନଟି ତା'ର ଜୀବନର ଗତିପଥକୁ ବିପଦସଂକୁଳ ତଥା ସଂଗ୍ରାମମୟ କରି ଗଢ଼ି ତୋଳିଥିଲା । ଝୁମ୍ପୁଡ଼ି ବସ୍ତିରେ ଯେ ଯୌବନର ଉଦ୍ଦାମତା, ଦେହରେ ସୌନ୍ଦର୍ଯ୍ୟର ସରସତା, ମନରେ ଘନ ବର୍ଷାର ପ୍ରଗଲ୍‌ଭତା ଏବଂ ଅଂଗରେ ଶିହରଣର ମାନସିକତା ଆସେନା ସେପରି ନୁହେଁ । ମାତ୍ର ତାହା ଯେ କେତେ ଅସୁରକ୍ଷିତ ସେଇ ଚିନ୍ତା ପିଙ୍କେଇ ମନକୁ ଗ୍ରାସ କରେ । ଯୌବନର ନିଟୋଳ ସରାଗ ତାର ଅଂଗେ ଅଂଗେ କେନେ ଯେ ବେପଥୁର ସୃଜନ କରି, ତାହା ପିଙ୍କେଇ ଆଜି ଭାବି ତା'ର ନିଜର ଦେହଟାକୁ ତିଳ ତିଳ କରି ନଷ୍ଟକରି ଦେବାକୁ ଇଚ୍ଛା କରେ ।

ହଁ, ସେପରି ଏକ ବର୍ଷଣ ମୁଖ ସଂଧ୍ୟାରେ ରାଜୁଭାଇ ପିଙ୍କେଇ ଜୀବନରେ ଏକ ଅଦିନିଆ ଝଡ଼ପରି ପଶି ଯାଇଥିଲେ । ଅଦିନିଆ ଝଡ଼ଟା ଯେ ବିଭୀଷିକାମୟ ଏବଂ ତା'ର ଶେଷଦୃଶ୍ୟ ଯେ ଅତୀବ ଭୟାବହ ତାହା ପିଙ୍କେଇ ବୋଧହୁଏ ଅନୁଭବ କରି ନ

ଥିଲା, ଯେହେତୁ ଜୀବନ ଯୌବନର ପ୍ରଥମ ସୋପାନରେ ସେ ପାଦ ଥାପିଛି ମାତ୍ର । ଯାହା ପାଇଁ ଅନେକ ଦିନର ପ୍ରତୀକ୍ଷାମାଣ ରାଜୁଭାଇ ଏଇ ବର୍ଷଣମୁଖର ସଂଧ୍ୟାରେ ତା'ର ଘରକୁ ଆସିଥିଲେ ଏବଂ ପିଉେଇକୁ ପାଖରେ ବସାଇ ସ୍ନେହ ତଥା ପ୍ରେମର ମଧୁର ଆଶ୍ଳେଷ ଦେବାକୁ ଭୁଲି ନ ଥିଲେ । ପିଉେଇ ଗାଲରେ ଅସଂଖ୍ୟ ଚୁମ୍ବନର ବର୍ଷା ବୋଧହୁଏ ପ୍ରଥମ ପୁରୁଷତାର ଅନୁଭବ ଥିଲା ପିଉେଇ ଜୀବନରେ । ପିଉେଇ ଲାଜରେ ସଢ଼ିଗଲା ଏବଂ ଏହା ତା'ର ଭାବନାର ବାହାରେ ଥିଲା ଯେ ଏପରି ଏକ ଅଭିସଂପାତ ଅଦିନରେ ପହଞ୍ଚି ଯାଇପାରେ ଏବଂ ଏତେ ଶୀଘ୍ର । ପିଉେଇର ଯୁବତୀ ସୁଲଭ ମନଟା ହଠାତ୍ ଆନମନା ହୋଇଉଠିଲା ଏବଂ ଏଇ ନିବୁଜ ଅନ୍ଧକାର ଭିତରେ ସେ ରାଜୁଭାଇ ପାଖରେ ତା'ର ପାର୍ଥୀବ ଶରୀରଟାକୁ ଲୋଟାଇ ଦେଇଥିଲା କିଛିକ୍ଷଣ ପାଇଁ, ଯାହା ପାଶବିକ ପ୍ରବୃତିର ମାନବୀୟ ଉଦ୍‌ବେଳନ । ପିଉେଇ ରାଜୁଭାଇକୁ ଭଲପାଏ । ସେଦିନ ବି ତା'ର ମନର ପ୍ରତ୍ୟେକ କୋଣ ଅନୁକୋଣରେ ରାଜୁଭାଇ ପାଇଁ ଅନେକ ଜାଗା ସୁରକ୍ଷିତ ଥିଲା । ପିଉେଇ ଭାବିଥିଲା ଯେ ରାଜୁଭାଇ ତା'ର ନିଜର ଲୋକ, ଏଇ ବସ୍ତିର ଲୋକ, ତା'ର ଉତ୍ତର ସର୍ବସ୍ୱ ଏବଂ ରାଜୁଭାଇର ହାତ ଧରିଲେ ଜୀବନର ସମସ୍ତ ଅନାଗତ ସମୟକୁ ସୁନିୟନ୍ତ୍ରିତ ତଥା ସୁମାର୍ଗରେ ପରିଚାଳିତ କରିପାରିବ । ପିଉେଇ ସେଦିନ ତାର ଆତ୍ମନିବେଦନର ମୁହୂର୍ତ୍ତମାନଙ୍କରେ ସ୍ୱର୍ଗର ଯେଉଁ ପରିକଳ୍ପନା କରି ବସିଥିଲା ତାହା ତା'କୁ ଆଜି ଏକ ପରିତ୍ୟକ୍ତ ଅନ୍ଧକାର କୂପ ମଧ୍ୟକୁ ନିକ୍ଷେପ କରି ଦେଇଛି । ପିଉେଇ ଭାବିଥିଲା ରାଜୁଭାଇ ଏ ବିଶ୍ୱର ଅଜଣା ପଥମାନଙ୍କରେ ତା'ର ହାତଧରି ନେଇପାରିବ ଏବଂ ଅନ୍ଧାକାରକୁ ଆଲୋକବର୍ତ୍ତିକା ଦେଖାଇ ଦେଇପାରିବ । ସେଦିନ ପିଉେଇ ରାଜୁଭାଇ ସଙ୍ଗେ ତାର କଅଁଳିଆ ମନରେ ଥିବା ସମସ୍ତ ଅରମାନର ପରିସମାପ୍ତି ଘଟାଇ ପାରିଥିଲା, ରାଜୁଭାଇର ଉନ୍ନତ ବକ୍ଷ ଉପରେ କିଛି ସମୟ ପାଇଁ ବର୍ଷାର ତାଳେ ତାଳେ ହୃତ୍‌ସ୍ପନ୍ଦନ ସହିତ ତାଳଦେଇ; ଜୀବନର ମଧୁରତମ ସଂଗୀତ ଉପଭୋଗ କରି ।

ତା'ପରେ ମା'ର ଅବର୍ତ୍ତମାନରେ ରାଜୁଭାଇ ଅନେକ ସମୟରେ ପିଉେଇ ଦେହରେ ଲହଡ଼ି ଭାଙ୍ଗୁ ଥିବା ଅଫୁରନ୍ତ ଯୌବନର ସମୁଦ୍ରରେ ଝାସ ଦେଇ ସ୍ୱସ୍ତିର ଆସ୍ୱସ୍ତି ନେଇପାରିଥିଲା । ଦିନେ ହେଲେ ପିତେଇ ମନରେ ରାଜୁଭାଇ ସଂପର୍କରେ ସାମାନ୍ୟତମ ପ୍ରଶ୍ନ ଉଙ୍କି ମାରି ନ ଥିଲା । ରାଜୁଭାଇକୁ ନେଇ ଅନେକ ସ୍ୱପ୍ନର ପରିକଳ୍ପନା କରି ବଞ୍ଚିଥିବା ପିଉେଇ ରାଜୁଭାଇ କଥାରେ ମୁହ୍ୟମାନ ହୋଇଉଠେ ଏବଂ

ବିବାହ ସାହାନାଇର ତରଙ୍ଗାୟିତ ଧ୍ୱନି ତାର ସ୍ମୃତିପଟରେ ରଙ୍ଗିମାମୟ ସଂଗୀତର ସାମୟିକ ସୃଜନ କରିପାରନ୍ତି । ସେଥିରେ ପିଙ୍କେଇ ତା'ର ଜୀବନରେ ସବୁକିଛି ହରାଇ ଚାଲେ । ସେ ଭାବେ ଯେ ତାର ପ୍ରେମ ଐଶ୍ୱରୀୟ ଏବଂ ଏଥିରେ 'କିନ୍ତୁ' ବା 'କିମ୍ୱା'ର ପ୍ରଶସ୍ତି ଥାଇ ନପାରେ ।

ପିଙ୍କେଇ ସେଇଦିନ ମାର୍ମିକ ଅଭିସଂପାତରେ ମ୍ରିୟମାଣ ହୋଇପଡ଼ିଲା ଯେଉଁଦିନ ସେ ଶୁଣିବାକୁ ପାଇଲା ଯେ ରାଜୁଭାଇ ଅନ୍ୟ ଏକ ଝିଅର ହାତଧରି ଘର ସଂସାରରେ ବ୍ରତୀ ହେବାରେ ଲାଗିଛି । ପିଙ୍କେଇର ଆତ୍ମାରେ ଯେପରି ଅଗ୍ନିର ସ୍ଫୁଲିଙ୍ଗର ସୃଜନ ହେଲା । ପ୍ରତିଶୋଧ ନେବାର ଉଦ୍‌ଭଟ ଭାବନା ତା'ର ମନ ମଧ୍ୟରେ ଆନ୍ଦୋଳିତ କଲା ଏବଂ ମୁକାବିଲା ପାଇଁ ସେ ରାଜୁଭାଇର ରାସ୍ତା ଦେଖିବସିଲା । ମାତ୍ର ହାଏ ! ରାଜୁଭାଇ ତା'କୁ ଦେଖି ନ ଦେଖିଲା ପରି ରାସ୍ତାରେ ଯିବା ଆସିବା କରେ ଅଥଚ ପିଙ୍କେଇକୁ ଦେଖା ଦିଏନା ବା ଧରା ଦିଏନା ମଧ୍ୟ ।

ଏ ସଂସାରରେ ଏପରି ଅନେକ ପିଙ୍କେଇମାନେ ପ୍ରତିଦିନ ଲହୁଲୁହାଣ ହୋଇ ସମୟର ରଥ ଚକ ତଳେ ଚାପି ହୋଇ ଯାଉଛନ୍ତି । ଅନେକ ଲଜ୍ଜା ଓ ଅପମାନରେ ମୁହଁକୁ ତଳକୁ କରି ବି ସମାଜରେ ବଞ୍ଚି ରହୁଛନ୍ତି । ଆଉ କେତେଜଣ ଆତ୍ମାଭିମାନର ପରାକାଷ୍ଠା ସ୍ୱରୂପ ଆତ୍ମବିସର୍ଜନ କରି ବସୁଛନ୍ତି । ମାତ୍ର ପିଙ୍କେଇର ଦୃଢ଼ ମାନସିକତା ତା'କୁ ଆଇନ ପରିସର ମଧ୍ୟରେ ଯିବାକୁ ବାଧ୍ୟ କଲା ଏବଂ ସେ ତା'ର ଅନିଚ୍ଛାସତ୍ତ୍ୱେ ଥାନା ଦ୍ୱାରସ୍ଥ ହୋଇ, ନ୍ୟାୟ ପାଇବା ଆଶାରେ ଆଶାୟୀ ହେଲା । ରାଜୁଭାଇର ବାହାଘର ଯେତେ ନିକଟତର ହୋଇଯାଉଥାଏ, ପିଙ୍କେଇ ସେତେ ସେତେ ଉଦ୍‌ବିଗ୍ନ ଓ ପ୍ରତିଶୋଧ ପରାୟଣା ହୋଇଉଠେ । ତା'ର ମନ ମଧ୍ୟରେ ପୁରୁଷ ଜାତିପ୍ରତି ଅହେତୁକ ଘୃଣାର ଆତିଶଯ୍ୟତା ପ୍ରକଟିତ ହୁଏ । ଥାନାରେ ପିଙ୍କେଇର ନ୍ୟାୟ ପାଇବା ଆଶା ଧୂଳିସାତ୍ ହୁଏ ଯେତେବେଳେ ସେ ଥାନାବାବୁର ଦୁର୍ବ୍ୟବହାରରେ ଜର୍ଜରିତା ହୋଇଉଠେ । ଏକ ଅଗ୍ନିବର୍ଷୀ ବିମାନପରି ତୀବ୍ର ଦୃଢ଼ତାର ଆଶାନେଇ ପିଙ୍କେଇ ବିଚାରାଳୟର ଦ୍ୱାରସ୍ଥ ହୁଏ । ବିଚାରପତିଙ୍କୁ ତା'ର ଦୁଃଖଭରା କାହାଣୀର ଟିକି ଟିକି ବିବରଣୀ ଦିଏ ।

ପିଙ୍କେଇ ଜାଣେ ଯେ ସେ ଏ ସମାଜରେ ନ୍ୟାୟ ଅବଶ୍ୟ ପାଇବ । ସେ ଯେତେବେଳେ ସ୍ୱୀୟ ବୟାନ ଭରପୂର କୋର୍ଟ ପରିସରରେ ଦିଏ ଏକ ଅପାଠୁଆ

ସମାଜର ନିମ୍ନ ଶ୍ରେଣୀର ଜଣେ କୁଲିମଜୁରିଆ ଶ୍ରେଣୀ ମହିଳାର ବର୍ଣ୍ଣନୋପଯୋଗୀ ଅଭିଭାଷଣରେ ସମସ୍ତେ ସ୍ତବ୍ଧ ହୋଇଉଠନ୍ତି । ପିଭେଇ ବିଚାରପତିଙ୍କୁ ଚୁନୌତି ଦିଏ ଯେ ସେ ଯଦି ଉପଯୁକ୍ତ ନ୍ୟାୟ ନ ପାଏ, ତେବେ ସେଇ କୋର୍ଟ ପରିସର ମଧ୍ୟରେ ସେ ଦେହରେ ଅଗ୍ନି ସଂଯୋଗ କରି ତା'ର ନିଜ ଦେହଟାକୁ ଜାଳିପୋଡ଼ି ପାଉଁଶ କରିଦେବ । ବିଚାରପତି ରାଜୁକୁ କୋର୍ଟରେ ହାଜର କରିବା ପାଇଁ ପୋଲିସ୍‌କୁ ଆଦେଶ ଦିଅନ୍ତି । ଯେଉଁ ପୋଲିସ ଦିନେ ପିଭେଇର ସର୍ବସ୍ୱ ଲୁଣ୍ଠନ କରିବାର ପ୍ରୟାସ କରିଥିଲା, ସେ ଆଜି ରାଜୁକୁ ବିଚାରାଳୟରେ ହାଜର କରିବାରେ ଲାଗିପଡ଼ନ୍ତି । ତା'ପରେ ରାଜୁ ଉପରେ ପୋଲିସର ନିର୍ଯ୍ୟାତନା ଆରମ୍ଭ ହୋଇଯାଏ ଏବଂ ପୋଲିସ ଭୟରେ ରାଜୁ ଓରଫ ରାଜୁଭାଇ ପିଭେଇ ପାଖରେ ପହଞ୍ଚି ତା'ର ହାତପାଦ ଧରି ନେହୁରା ହୁଏ କେଶ୍ ଉଠାଇ ନେବା ପାଇଁ । ପିଭେଇ ଏଡେ ଦୃଢ଼ମନା ଯେ ସେ ଟଳିବାର ନୁହେଁ । ସେ ରାଜୁକୁ ଧରି କୋର୍ଟରେ ପହଞ୍ଚେ ଏବଂ କୋର୍ଟରେ ଅର୍ଜି ପେସ୍ ହୁଏ ରାଜୁ ସହିତ ତା'ର ବିବାହ ବନ୍ଧନର ଏବଂ ମାଜିଷ୍ଟ୍ରେଟଙ୍କର ସାମନାରେ ସେମାନଙ୍କର ବିବାହ ସଂପର୍ଣ୍ଣ ହୁଏ ।

ପିଭେଇ ତା'ର ନିଜର ଦୃଢ଼ତା ଏବଂ ସ୍ଥିତପ୍ରଜ୍ଞା ହେତୁ ନ୍ୟାୟ ବିଚାର ପାଏ ସତ ମାତ୍ର ଆମ ପିଭେଇପରି ଅନେକ ପିଭେଇ ଏ ସମାଜରେ ପ୍ରତିଦିନ ପୁରୁଷର କାମନାର ଜୁଇରେ ବଳି ପଡ଼ନ୍ତି, ତା'ର ହିସାବ କିଏ ରଖେ ! ଏ ସମାଜର ଆଖିରେ ପିଭେଇ ଯେ ନିର୍ଯ୍ୟାତିତା ଓ ପତିତା ହୋଇଥାଆନ୍ତା ଯଦି ସେ ଉପଯୁକ୍ତ ନ୍ୟାୟ ପାଳିକାଦ୍ୱାରା ନ୍ୟାୟ ପାଇ ନ ଥାନ୍ତା । ଯାହାହେଉ ଏ ସମାଜର ଧୁରୀଣ ଧ୍ୱଜାଧାରୀମାନଙ୍କୁ ଆମର ପିଭେଇ ଯେ ଏ ସମୁଚିତ ଶିକ୍ଷା ଏହାର ସାମନ୍ୟତମ ବ୍ୟତିକ୍ରମ ନ ଥାଇପାରେ ।

